## ସଂକ୍ଷେପରେ

### ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ବଦଳି

ଗୁଣପୁର,୨୬।୨(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କୁ ବୌଦ୍ଧ ଏନଏସିର ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି। ଏ ନେଇ ସୋମବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଜଣାପଡିଛି। ଅନ୍ୟପଟେ ଟିଟଲାଗଡ ପୌର ପରିଷଦର ନିର୍ବାହି ଅଧିକାରୀ ମନୋଜ କୁମାର ତାଣ୍ଡିଙ୍କୁ ଗୁଣପୁର ପୌର ପରିଷଦର ନିର୍ବାହି ଅଧିକାରୀ ଭାବେ ବଦଳି ହୋଇଛି। ସୂଚନାଯୋଗ୍ୟ ୨୦୨୩ ଅକ୍ଟୋବର ୩୦ରେ ସ୍ୱସ୍ତିକ ଜମାଦାର ଗୁଣପୁର ପୌର ପରିଷଦର ନିର୍ବାହି ଅଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ଆଉ କିଛି ଦିନ ପରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ନିର୍ବାଚନ କମିଶନଙ୍କ ବଦଳି ନୀତି ଆଦେଶ ପ୍ରକାରେ ଏପରି ହୋଇଥିବା ଜଣାପଡିଛି।

### ଘରେ ନିଆଁ ଲାଗି ଜଳିଗଲା ନଥିପତ୍ର



ଗୁଡାରି,୨୬।୨ (ପ୍ରମୋଦ କୁମାର ପତି )

ଗୁଡାରି ବ୍ଲକର କରଲାଘାଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମ୍ବରଲେଣ୍ଡି ଗ୍ରାମର ଜଣଙ୍କ ଘରେ ସୋମବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ଜଣେ ସରକାରୀ କର୍ମଚାରୀଙ୍କ ନଥିପତ୍ର ଓ ଆସବାପତ୍ର ପୋଡି ନଷ୍ଟ ହୋଇଯାଇଛି। ଉକ୍ତ ଘରେ ଭଡାରେ ରହୁଥିବା ଜଣେ ସରକାରୀ କର୍ମଚାରୀ ଘରେ ନ ଥିବାବେଳେ ଚାବି ପଡ଼ିଥିଲା। ତେବେ କୌଣସି କାରଣରୁ ନିଆଁ ଲାଗି ଘରେ ଥିବା ସମସ୍ତ ସାମଗ୍ରୀ ଜଳିଯାଇଛି। ଖବରପାଇ ଗୁଡାରି ଅଗ୍ନିଶମ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ଗୁଡାରି ତହସିଲଦାର ସୁଶ୍ରୀ ଏ. ସ୍ନେହଲତା ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ଓ ଢେପାଗୁଡା ରାଜସ୍ୱ ନିରୀକ୍ଷକ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରକାଶଥାଉ କି ବ୍ଲକର ଶୁକଡୁବାଜୁ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୨ଟି ଘର ପୋଡି ନଷ୍ଟ ହୋଇଛି।

# ପରୀକ୍ଷାର୍ଥୀଙ୍କୁ ସହାୟକ ହେଉଛି ଲକ୍ଷ୍ମୀ ବସ୍

ନବରଙ୍ଗପୁର,୨୬।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ଗମନାଗମନ ପାଇଁ ଏଠାରେ ପୂର୍ବରୁ ବିଶେଷ ସୁବିଧା ନ ଥିଲା। ଏହାର ସିଧାସଳଖ ପ୍ରଭାବ ବୋର୍ଡ ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିଲା। ବିଭିନ୍ନ କାରଣରୁ ସ୍କୁଲଠାରୁ ପରୀକ୍ଷା କେନ୍ଦ୍ର ଅନେକ ଦୂରରେ ପଡୁଥିଲା। ତେଣୁ ପିଲାମାନେ ବିଶେଷ ଅସୁବିଧା ଭୋଗୁଥିଲେ। କିନ୍ତୁ ଲକ୍ଷ୍ମୀ ବସ୍ ଚାଲିବା ପରଠାରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଲକ୍ଷ୍ୟସ୍ଥଳକୁ ସୁବିଧାରେ ଓ ଅଳ୍ପ ଖର୍ଚ୍ଚରେ ପହଞ୍ଚି ପାରୁଛନ୍ତି। ଏଣୁ ପରୀକ୍ଷାର୍ଥୀଙ୍କୁ ଲକ୍ଷ୍ମୀ ବସ୍ ସହାୟକ ହେଉଛି।

ନବରଙ୍ଗପୁର ଜିଲାର ପ୍ରତି ପଞ୍ଚାୟତ ଓ ଗ୍ରାମାଞ୍ଚଳକୁ ପୂର୍ବରୁ ବସ୍ ସେବା ନ ଥିଲା। ଜିଲାର କେତେକ ପ୍ରମୁଖ ଅଞ୍ଚଳକୁ ସରକାରୀ ଓ ବେସରକାରୀ ବସ୍ ଚଳାଚଳ କରୁଥିଲା, ଯାହା ଯାତ୍ରୀଙ୍କ ପାଇଁ ଯଥେଷ୍ଟ ନ ଥିଲା। ଉକ୍ତ ବସ୍‌ଗୁଡ଼ିକର ଟିକେଟ ମୂଲ୍ୟ ଅଧିକ ଥିବାବେଳେ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ମଧ ରହୁ ନ ଥିଲା। ଫଳରେ ପିଲାମାନଙ୍କୁ ପରୀକ୍ଷା ସମୟରେ ଅସୁବିଧା ହେଉଥିଲା। ଦୂର ସ୍ଥାନରେ ହେଇଥିବା କେନ୍ଦ୍ରକୁ ଯିବାକୁ ହେଲେ ପିଲାମାନେ ଅଟୋ କିମ୍ବା ଅନ୍ୟ ବ୍ୟବସ୍ଥା କରୁଥିଲେ। ଯେଉଁଥିପାଇଁ ସେମାନଙ୍କୁ ବିଶେଷ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। କିନ୍ତୁ ଜିଲାରେ ଲକ୍ଷ୍ମୀ ବସ୍ ଚଳାଚଳ ହେବାପରେ ଏହି ଚିତ୍ର ବଦଳିଛି। ଏବେ ନବରଙ୍ଗପୁର ଜିଲାର ୧୦ ବ୍ଲକରେ ୩୯ଟି ଲକ୍ଷ୍ମୀ ବସ୍ ଚାଲୁଛି। ଛାତ୍ରୀଛାତ୍ର ଏବେ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଅଟୋ କିମ୍ବା ଅଭିଭାବକଙ୍କ ଉପରେ ନିର୍ଭର କରୁନାହାନ୍ତି। ଖର୍ଚ୍ଚ ମଧ କମୁଛି। ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷାର୍ଥୀ ବିଭିନ୍ନ କେନ୍ଦ୍ରକୁ ଯିବା ପାଇଁ ଲକ୍ଷ୍ମୀ ବସ୍ ଉପରେ ନିର୍ଭର କରୁଛନ୍ତି। ଛାତ୍ରୀମାନେ ୫ ଟଙ୍କାରେ ଯାତ୍ରାକରି ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିପାରୁଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲାରେ ୩୯ଟି ଲକ୍ଷ୍ମୀ ବସ୍ ଚାଲୁଛି। ବ୍ଲକ ସଦର ମହକୁମାରୁ ପଞ୍ଚାୟତକୁ ଏହି ବସ୍ ଗଡୁଛି। ଜିଲାର ୧୦ ବ୍ଲକର ୧୮୯ ପଞ୍ଚାୟତକୁ ଲକ୍ଷ୍ମୀ ବସ୍ ଯୋଡୁଛି। ଏଥିରେ ୫୯ ଜଣ ଡ୍ରାଇଭର ଓ ୧୨୦ କଣ୍ଡକ୍ଟର ନିଯୁକ୍ତି ପାଇଛନ୍ତି। ୨୮୯ ସ୍ଥାନରେ ଲକ୍ଷ୍ମୀ ବସ୍ ଷ୍ଟପେଜ୍ ରହିଛି।



ମାଟ୍ରିକ୍ ଛାତ୍ରୀଛାତ୍ରମାନେ ସୋମବାର ପରୀକ୍ଷା ଦେବାକୁ ଲକ୍ଷ୍ମୀବସ୍‌ରେ ଯାଉଛନ୍ତି।

# ଭାଜପାର ଗାଁ ଚାଲ ଅଭିଯାନ, ମିଶ୍ରଣ ପର୍ବ



ଭାଜପା ନେତାଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମକର୍ତ୍ତା।

ଉମରକୋଟ, ୨୬।୨(ସନ୍ତୋଷ ଶତପଥୀ)

ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଭାଜପାର ଗାଁ ଚାଲ ଅଭିଯାନ ଆରମ୍ଭ କରାଯାଇଛି। ଉମରକୋଟ ପୌର ପରିଷଦ ସ୍ଥିତ ୧ ନଂ ୱାର୍ଡ ଦର୍ଗାଗୁଡା ମାଳୀପାରାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉମରକୋଟ ବିଧାନ ସଭା ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁରେଶ ଆଚାର୍ଯ୍ୟ, ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ଯୁବ ନେତା ମିଲୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରର ଜନ ହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶତାଧିକ ଲୋକ ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଦର୍ଗାଗୁଡା ମାଳୀପାରାର ବହୁ ମହିଳା, ପୁରୁଷ ଯୁବକମାନେ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣିବା ସହ ହିତାଧିକାରୀଙ୍କୁ ସହାୟତା ପ୍ରଦାନ

କୋଷାଗୁମୁଡ଼ା,୨୬।୨(ପ୍ରସାଦ ବିଷୋୟୀ)

କୋଷାଗୁମୁଡ଼ା ବ୍ଲକ ମିନି ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଉପଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଏହି ଅଭିଯୋଗ ଶୁଣାଣି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଏସ୍‌ଡିପିଓ ମିନାକ୍ଷୀ ଠାକୁରଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ୬୮ ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତୁରନ୍ତ ଶୁଣାଣି କରାଯାଇଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଥିଲେ ମଧ ତାହା କାର୍ଯ୍ୟକାରୀ ହେଉ ନ ଥିବା ଜିଲା କଂଗ୍ରେସ ଉପସଭାପତି ଧରମ ସିଂ, ରାଜ ଚାଉଁରିଆ ସ୍ପୋର୍ଟିଂ କ୍ଲବ ସଭାପତି ଭୁବନେଶ୍ୱର ନାୟକ, ଯୁବନେତା ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ଅଭିଯୋଗ କରିଥିଲେ। ଏହାପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ହିତାଧିକାରୀଙ୍କୁ ହୁଇଲ୍ ଚେୟାର ଏବଂ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ସମସ୍ତ ବିଭାଗରୁ ଅଧିକାରୀମାନେ ଉପସ୍ଥିତ ଥିଲେ। ସେଠାରୁ ସମସ୍ତ ଅଧିକାରୀ ପୃଷ୍ଟି ଶଷ୍ୟ ବ୍ୟଞ୍ଜନ ପ୍ରସ୍ତୁତ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ।



ସହାୟତା ପାଇଥିବା ଦିବ୍ୟାଙ୍ଗଙ୍କ ସହ ଅଧିକାରୀମାନେ।

### ଗଡ଼ିଆରୁ ନିଖୋଜ ବୃଦ୍ଧାଙ୍କ ମୃତଦେହ ଜବତ

ଗୁଣୁପୁର, ୨୬।୨
(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସହରର କୁମ୍ଭାର ସାହିର ନିଖୋଜ ବୃଦ୍ଧା ରୋକମ ପଦ୍ମାଙ୍କ ମୃତଦେହକୁ ପୋଲିସ ଘର ପଛପଟେ ଥିବା ଏକ ଗଡ଼ିଆରୁ ସୋମବାର ଜବତ କରିଛି। ୭୦ ବର୍ଷୀୟା ବୃଦ୍ଧା ପଦ୍ମା ଗତ ୨ ଦିନ ହେବ ନିଖୋଜ ଥିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ଖୋଜଖବର ପାଇ ନ ଥିଲେ। ସ୍ଥାନୀୟ ଲୋକେ ପଦ୍ମା ଗଡ଼ିଆରେ ପଡିଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇବାରୁ ସେମାନେ ଗୁଣପୁର ଥାନାକୁ ଜଣାଇଥିଲେ। ଖବରପାଇ ଏସ୍‌ଡିପିଓ ବାବୁଲି ନାୟକ, ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ ଏସ୍‌ଆଇ ଅଶୋକ ପାଢି ଏବଂ ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ପହଞ୍ଚି ଥିଲେ। ଗୁଣପୁର ପୌର କର୍ମଚାରୀଙ୍କ ସହାୟତାରେ ବୃଦ୍ଧାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ବର୍ଗଙ୍କୁ ମର ଶରୀର ପ୍ରଦାନ କରାଯାଇଥିଲା। ସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି।

# ଜିଲାଭିତ୍ତିକ ନିଯୁକ୍ତି ପ୍ରଦାନ ଦାବି



ବୈଠକରେ ଯୋଗ ଦେଇଥିବା ସଂଘ ସଦସ୍ୟମାନେ।

ଡାବୁଗାଁ, ୨୬।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଜିଲା ମିଳିତ ଯୁବତୀ ଯୁବକ ସରକାରୀ ଚାକିରି ଆଶାୟୀ ସଂଘ ବୈଠକ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡଙ୍ଗରିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ମିଳିତ ଯୁବତୀ ଯୁବକ ସରକାରୀ ଚାକିରି ଆଶାୟୀ ସଂଘର ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସଂଘ ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲାଭିତ୍ତିକ ନିଯୁକ୍ତି, ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ସମେତ ସମସ୍ତ ପଦବୀରେ ଜିଲା ଭିତ୍ତିକ ନିଯୁକ୍ତି, ଅନୁସୂଚିତ କ୍ଷେତ୍ର ଅନୁଯାୟୀ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦେବା ନେଇ ଆଲୋଚନା ହୋଇଛି। ଏଥିସହ ଉମରକୋଟ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ତାଲିମ ପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କୁ ଜିଲାସ୍ତରରେ ନିଯୁକ୍ତି ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା। ରବିବାର ନବରଙ୍ଗପୁର ଜିଲା ଗସ୍ତରେ ଆସିଥିବା ରାଜ୍ୟପାଳଙ୍କୁ ୪ ଦଫା ଦାବି ସମ୍ବଳିତ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଛି। ବୈଠକ ପରେ ସଂଘ କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିଲେ। ଏହି ବୈଠକରେ ସମ୍ପାଦକ କମଳ ଭତ୍ରା, ରଘୁନାଥ ଭତ୍ରା, ଅନିରୁଦ୍ଧ ନାୟକ, ଚୈତନ୍ୟ ଭତ୍ରା, ମନୋଜ ଭତ୍ରାଙ୍କ ସମେତ ଜିଲାର ୧୦ ବ୍ଲକରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷିତ ଯୁବତୀଯୁବକ ଯୋଗ ଦେଇଥିଲେ।

# ବେସରକାରୀ ଜାଗାରେ କମ୍ପାନୀ ପକାଉଛି ପାଇପ୍

ବୋରିଗୁମ୍ମା,୨୬।୨(ବିଜୟ ସାହୁ)

**ମେଗା ପାନୀୟ ଜଳ ପ୍ରକଳ୍ପ**

ବୋରିଗୁମ୍ମା,ଜୟପୁର ଓ କୋଟପାଡ଼ ବ୍ଲକ୍‌ରେ ପ୍ରାୟ ୫୨ଟି ପଞ୍ଚାୟତକୁ ନିରନ୍ତର ଭାବେ ପାନୀୟ ଜଳ ଯୋଗାଣ ପାଇଁ ବୋରିଗୁମ୍ମା ବ୍ଲକର ମୁରାନ ଡ୍ୟାମରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା କମ୍ପାନୀ କାମ କରୁଥିଲେ ମଧ ଏପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହୋଇନାହିଁ। ତେବେ କମ୍ପାନୀ ନାମରେ ବିଭିନ୍ନ ଅଭିଯୋଗ ଆସିବାରେ ଲାଗିଛି। କେଉଁଠି ରାସ୍ତା ଖୋଳି ପାଇପ ପକାଉ ନ ଥିବା ବେଳେ କେଉଁଠି ବେସରକାରୀ ସ୍ଥାନରେ ପାଇପ ବିଛାଉଥିବା ଅଭିଯୋଗ ହୋଇଛି। ଏହିଭଳି ନିର୍ମାଣକାରୀ କମ୍ପାନୀର ମନୋଭାବ ବୋରିଗୁମ୍ମା ସହର ଉପକଣ୍ଠ ଝିଲିମିଲି ମୌଜାରେ ଦେଖିବାକୁ ମିଳିଛି। ଏହି ମୌଜାରେ କମ୍ପାନୀ କାର୍ଯ୍ୟ ସମୟରେ ବେସରକାରୀ ସ୍ଥାନରେ ପାଇପ ପକାଉଥିବା ଅଭିଯୋଗ କରି କମ୍ପାନୀ ନାମରେ ବୋରିଗୁମ୍ମାର ପ୍ରଦୀପ୍ତ ନାୟକ ଓ ଶୁଭମ ଚୌଧୁରୀ ଥାନାରେ ଏତଲା ଦେଇଛନ୍ତି। ଉଭୟଙ୍କ ଝିଲିମିଲି ମୌଜା ଖାତା ନମ୍ବର୧୫୫/୨୩୩, ପ୍ଲଟ ନମ୍ବର ୧୧୯ ଓ ୧୨୦ରେ ରହିଥିବା ଜାଗାରେ କମ୍ପାନୀ ମେଗା ଜଳପ୍ରକଳ୍ପର ପାଇପ ପକାଇଛି। ପ୍ରଦୀପ୍ତ ଏତଲାରେ ଝିଲିମିଲି ମୌଜାର ଉପରୋକ୍ତ ଖାତା ନଂ. ଓ ପ୍ଲଟ ନଂ.ରେ କମ୍ପାନୀ ପାଇପ ପକାଇଥିବା ଉଲ୍ଲେଖ କରିଥିବା ବେଳେ ଶୁଭମ ମଧ ଅନୁରୂପ ଅଭିଯୋଗ ଏତଲାରେ ଦର୍ଶାଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ରାତିରେ କାମ କରୁଥିବାରୁ ସେମାନେ ଏ ସମ୍ପର୍କରେ ଜାଣିପାରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏ ଦିଗରେ ସଂପୃକ୍ତ କମ୍ପାନୀ ବିରୋଧରେ ପଦକ୍ଷେପ ନେବାକୁ ଉଭୟେ ଦାବି କରିଛନ୍ତି।



ନିର୍ମାଣକାରୀ କମ୍ପାନୀ ବେସରକାରୀ ଜାଗାରେ ବିଛାଇଥିବା ପାଇପ୍।

# ରୋଗୀପାଇବେ ଉନ୍ନତ ଚିକିତ୍ସା, ସ୍ୱଚ୍ଛ ସୁନ୍ଦର ପରିବେଶ



ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



ପାପଡାହାଣ୍ଡି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଉମରକୋଟ/ପାପଡ଼ାହାଣ୍ଡି, ୨୬।୨
(ସନ୍ତୋଷ ଶତପଥୀ/ସ୍ୱପ୍ନଜିତ ପଟ୍ଟନାୟକ)

**ଆମ ହସ୍ପିଟାଲ ଲୋକାର୍ପଣ ଉତ୍ସବ**

ଆମ ହସ୍ପିଟାଲ ଯୋଜନାରେ ସୋମବାର ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ରୂପାନ୍ତରିତ ହସ୍ପିଟାଲ ଉଦ୍‌ଘାଟନ କରିଛନ୍ତି। ନବରଙ୍ଗପୁରର ଉମରକୋଟ ଓ ପାପଡ଼ାହାଣ୍ଡିରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହସ୍ପିଟାଲ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ ।

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ଉପଖଣ୍ଡ ଚିକିତ୍ସାଳୟକୁ ଆମ ହସ୍ପିଟାଲ ଯୋଜନାରେ ରୂପାନ୍ତରିତ କରାଯାଇଛି। ଏଠାରେ ଥିବା ଡାଏଲିସିସ ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଉମରକୋଟସ୍ଥିତ ଡିଏନ୍‌କେ ଖେଳପଡ଼ିଆରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ରାଜ୍ୟ ସଭା ସଦସ୍ୟ ମୁନା ଖାନ୍, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ସ୍ୱତନ୍ତ୍ର ଉନ୍ନୟନ ଜିଲା ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ପୌରାଧ୍ୟକ୍ଷ ରାଧା ଭତ୍ରା, ଓଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ରାଇଘର ବ୍ଲକ ଅଧ୍ୟକ୍ଷା ନବାନା ନାୟକ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ଜିଲାପାଳ ଡ. କମଳଲୋଚନ ମିଶ୍ର, ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଚିକିତ୍ସାଳୟ ରୂପାନ୍ତରିତ ଫଳରେ ରୋଗୀ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ପାଇପାରିବେ। ୧୪ଜଣ ଏମ୍‌ବିବିଏସ୍ ଡାକ୍ତର ଓ ଦୁଇଜଣ ସ୍ପେଶିଆଲିଷ୍ଟ ଡାକ୍ତର ରହିଛନ୍ତି। ରୋଗୀ ପୂର୍ବଠାରୁ ଭଲ ଚିକିତ୍ସାସେବା ପାଇପାରିବେ। ଉମରକୋଟରେ ଡାଏଲିସିସ ସେଣ୍ଟର ହୋଇଛି। ସ୍ଥାନୀୟ ଅଞ୍ଚଳ ଓ ଜିଲାର ରୋଗୀମାନେ ଏଠାରେ ଡାଏଲିସିସ୍ କରିପାରିବେ ବୋଲି ଡାକ୍ତର ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ଡାଲିମ୍ବ ଭତ୍ରା, ଚନ୍ଦନ ରାଏ, ଯତୀନ୍ଦ୍ର ନାଥ ଗଣ୍ଡ, କେବିକେ ଉପଦେଷ୍ଟା ସୁଖଦେ ଗଣ୍ଡ, ପ୍ରଣବ ଭୂୟାଁ, କାଉନ୍‌ସିଲର ତପନ ଦେବନାଥ, ଚିତ୍ତରଞ୍ଜନ ପାତ୍ର, କୈଳାସ ନାୟକ, ଭି. ବୁଜି ରାଓ, ସଞ୍ଜୟ ଗୁପ୍ତା, ମନୋଜ ଧଳ, ମିଶନ ଶକ୍ତି ମହିଳା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କ ସମେତ ଅନେକ ମହିଳା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ପରିଚାଳନା କରାଯାଇଛି।

ଆମ ହସ୍ପିଟାଲର ସିଧା ପ୍ରସାରଣ ପାପଡ଼ାହାଣ୍ଡିରେ କରାଯାଇଥିଲା। ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଓ ଜିଲା ପରିଷଦ ସଭ୍ୟା ଲିପିକା ମାଝି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଇନ୍‌ଚାର୍ଜ ସୁଶ୍ରୀତା ସେଠୀ, ଡାକ୍ତର, ଥାନାଧିକାରୀ ଦୀପକ କୁମାର ଜେନା, ସିଡିପିଓ ଏସ୍.ଗୀତା, ବ୍ଲକ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆଶାକର୍ମୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।



ଉମରକୋଟରେ ଅଞ୍ଚଳବାସୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖୁଛନ୍ତି।

## ସଂକ୍ଷେପରେ

### ୩ ମହିଳାଙ୍କଠାରୁ ଲୁଟ୍

ଜୟପୁର, ୨୬।୨(ପବନ ପାଣିଗ୍ରାହୀ)

ଜୟପୁର ସହରରେ ସୋମବାର ସ୍ପଷ୍ଟ ଦିବାଲୋକରେ ୩ ମହିଳାଙ୍କଠାରୁ ସୁନା ଚେନ ଲୁଟ ହୋଇଛି । ଗୋଟିଏ ଦିନରେ ସହରର ଇନ୍ଦିରା ଛକ, ଇରେଗେସନ କୋଲନୀ ଓ ଲାଲା ସାହିରେ ଏପରି ଲୁଟ୍ ହୋଇଥିବା ଜଣାପଡ଼ିଛି। ଏନେଇ ଟାଉନ ଥାନାରେ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ସୁନାଚେନ ଲୁଟ୍ କରୁଛନ୍ତି। ଏନେଇ ଲିଙ୍ଗରାଜ ନଗରର ବିଶ୍ୱମ୍ଭର ମଲ୍ଲିକ, ଲାଲସାହିର ଏଭି ମାଧବୀ ଲିଖିତ ଅଭିଯୋଗ କରିଛନ୍ତି।

### ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ସପ୍ତାହ କାର୍ଯ୍ୟକ୍ରମ ଶେଷ

କୋରାପୁଟ,୨୬।୨(ଅମିତାଭ ବେହେରା)

ଜିଲାର କୋରାପୁଟ ବ୍ଲକ ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଫେବୃଆରୀ ୧୯ରୁ ୨୪ ପର୍ଯ୍ୟନ୍ତ ଚାଲିଥିବା ସାକ୍ଷରତା ସଂଖ୍ୟାଜ୍ଞାନ ସପ୍ତାହ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରଥମ ଦୁଇଦିନ ସାକ୍ଷରତା, ତା'ପର ଦୁଇଦିନ ସଂଖ୍ୟାଜ୍ଞାନ ଏବଂ ଶେଷ ଦୁଇଦିନ ଗପ କହିବା କାର୍ଯ୍ୟକ୍ରମ ହୋଇଥିଲା ବୋଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର କହିଛନ୍ତି। କୋରାପୁଟ ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ସମସ୍ତ ସରକାରୀ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ସପ୍ତାହବ୍ୟାପୀ ଚାଲିଥିଲା।

# ୩ ବ୍ଲକରେ ଆମ ହସ୍ପିଟାଲ ଉଦ୍‌ଘାଟନ ଦେଖିଲେ ଅତିଥି




ଜୟପୁର ଓ ଲକ୍ଷ୍ମୀପୁର ମିନି ଷ୍ଟାଡିୟମଠାରେ ଅତିଥିମାନେ ଭର୍ଚୁଆଲ ଉଦ୍‌ଘାଟନ କାର୍ଯ୍ୟକ୍ରମ ଦେଖୁଛନ୍ତି।

ଜୟପୁର/ଲକ୍ଷ୍ମୀପୁର/ପଟ୍ଟାଙ୍ଗି, ୨୬।୨
(ପବନ ପାଣିଗ୍ରାହୀ/ଅନନ୍ତ ନାୟକ/ଶରତ ଧଳ)

କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଆମ ହସପିଟାଲରେ ରୂପାନ୍ତର ହୋଇଛି। ଏହାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରନ୍ସ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । ୬ କୋଟି ଟଙ୍କା ବ୍ୟୟରେ ହୋଇଥିବା ରୂପାନ୍ତରଣରେ ମିଶନ ଶକ୍ତି ଗୃହ, ଆହାର କେନ୍ଦ୍ର, ପାର୍କିଂ, ଶବ ବ୍ୟବଚ୍ଛେଦ ଗୃହ, ଓପେନ ଜିମ, ଔଷଧ ବିତରଣ କେନ୍ଦ୍ର, ରେଜିଷ୍ଟ୍ରେସନ ସେଣ୍ଟର ଆଦି ନିର୍ମାଣ କରାଯାଇଛି । ଜିଲା ଚିକିତ୍ସାଳୟ ପିରସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଉପ ଜିଲାପାଳ ପ୍ରଭାତ ପରିଡା, ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର ଖଣ୍ଡପାଣି, ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏବିଡିଓ ମନୋଜ ନାୟକ, ଚିକିତ୍ସାଳୟ ଅଧ୍ୟକ୍ଷ ରବିନ୍ଦ୍ର ନାଥ ମିଶ୍ର ଏସଡିପିଆରଓ ଯୋଶଦା ବାଦବା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

ଲକ୍ଷ୍ମୀପୁରଠାରେ ମଧ୍ୟ ଆମ ହସ୍ପିଟାଲ ଯୋଜନାରେ ରୂପାନ୍ତରଣ କାର୍ଯ୍ୟ ହୋଇଥିବା ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘଟିତ ହୋଇଛି। ୫-ଟି ମାଧ୍ୟମରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ କୋଟି ଟଙ୍କା ବ୍ୟୟରେ ରୂପାନ୍ତରଣ କରାଯାଇଛି। ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ୍ ପାଢ଼ୀ, ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତୀ କୁଲଦୀପ, ପୂର୍ବତନ ଏମ୍‌ପି ଝିନ ହିକ୍କା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ପରଦା କୁଲେସିକା, ପୂର୍ବତନ ଅଧ୍ୟକ୍ଷ କୁମୁଦ ସାଉନ୍ତା, ଜିଲାପାଳ ଭି. କୀର୍ତ୍ତି ଭାସନ, ଉପଜିଲାପାଳ ବେଣୁଧର ଶବର, ପିଏଚ୍‌ଓ ଅରୁଣ ପାଢ଼ୀ, ବିଡିଓ ଗୁରେଶ୍ୱର ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନବକିଶୋର କୁଣ୍ଡୁ ଯୋଗଦେଇଥିଲେ। ୧୩ଟି ପଞ୍ଚାୟତର ଜନପ୍ରତିନିଧି, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତି ମହିଳାମାନେ ଉପସ୍ଥିତ ଥିଲେ। ଆଇଆଇସି ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।

ପଟ୍ଟାଙ୍ଗିରେ ମଧ୍ୟ ରୂପାନ୍ତରୀକରଣ ହୋଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟିତ ହୋଇଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ମିନି ଷ୍ଟାଡିୟମଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପର୍ଯ୍ୟବେକ୍ଷକ ବାଲା ରାଏ, ବିଡିଓ ସୁକାନ୍ତ ପଟ୍ଟନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ଅତିଥି ଭାବେ ଯୋଗଦେଇ ୫-ଟିରେ ୨କୋଟି ୯୨ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରଣ ହୋଇଥିବା ଏହି ହସ୍ପିଟାଲରେ ଜନସାଧାରଣଙ୍କ ପାଇଁ କି ପ୍ରକାର ସୁବିଧା ହୋଇପାରିଛି ତାହା ଅବଗତ କରାଇଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟାଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ। ବିଦ୍ୟାଳୟ ଛାତ୍ରୀମାନେ ଢେମ୍‌ସା ନାଚରେ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ଏଇଇ ବିଶ୍ୱନାଥ ମାଦଲି, ଏପିଓ ସୌମେନ୍ଦ୍ର ନାୟକା, ଜିପିଓ ଦିବାକର ପୁରୋହିତ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ ସେଠୀ ପରିଚାଳନା କରିଥିଲେ।

# ୨ ପଞ୍ଚାୟତବାସୀଙ୍କ ମେଳି

## ବାଲଡ଼ା ଜଙ୍ଗଲ ବଦଳ ଜମି ଚିହ୍ନଟକୁ ବିରୋଧ

ନନ୍ଦପୁର, ୨୬।୨ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକର ବାଲଡ଼ା ପାହାଡ ଓ ଗୁମ୍ଫାକୁ ଖଣି ଖାଦାନ ମାନ୍ୟତା ଦେଇ ନଷ୍ଟ ହେବାକୁ ଥିବା ଜଙ୍ଗଲର ସମ ପରିମାଣ ସଷ୍ଟି କରିବା ପାଇଁ ହାତୀବାରୀ ଓ ଖିନବର ପଞ୍ଚାୟତର ରାଜସ୍ୱ ଜମିରେ ଜଙ୍ଗଲ ସୃଷ୍ଟି କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିପାଇଁ ୪୩୬ ଏକର ଜମି ଚିହ୍ନଟ କରି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଏହାକୁ ଦୁଇ ପଞ୍ଚାୟତବାସୀ ମେଳି କରି ସୋମବାର ବିରୋଧ କରିଥିଲେ। ଲୋକଙ୍କ ବିରୋଧକୁ ନନ୍ଦପୁର ବ୍ଲକ କଂଗ୍ରେସ ସମର୍ଥନ ଜଣାଇଛି। ସୋମବାର ଖିନବର ପଞ୍ଚାୟତ ପୁତୁମାରି ପାହାଡ ପାର୍ଶ୍ୱରେ ଆୟୋଜିତ ବୈଠକରେ ପଟ୍ଟାଙ୍ଗି ପୂର୍ବତନ ବିଧାୟକ ରାମ କାଡାମ, ବ୍ଲକ କଂଗ୍ରେସ ସଭାପତି କାମେଶ କାମୁଡ଼ି ଉପସ୍ଥିତ ରହି ଲୋକଙ୍କ ବିରୋଧାଭାସରେ ସାମିଲ ହୋଇଥିଲେ।

ଆମ ଜଙ୍ଗଲ ଆମ ଜମି ଆମେ କାହାକୁ ଦେବୁ ନାହିଁ। ଉକ୍ତ ଜମି ଦେଲେ ଆମର ଗୋରୁ ଗାଈଙ୍କ ଖାଦ୍ୟ ଓ ଜୀବିକା ନଷ୍ଟ ହେବ ବୋଲି ଏହି ଅବସରରେ କାଡାମ କହିଥିଲେ। ଅନ୍ୟପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ତଥା ସିଏସ୍‌ଆର୍ ପରିଚାଳକ ସଞ୍ଜୟ ଶ୍ରୀବାସ୍ତବଙ୍କୁ ପଚାରିବାରୁ ସେ କହିଲେ, ଜିଲାପାଳଙ୍କ ଆଦେଶ ମୁତାବକ ଚିହ୍ନଟ ରାଜସ୍ୱ ଜମିରେ ଜଙ୍ଗଲ ସୃଷ୍ଟି କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗାମୀ ଦିନରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଜଙ୍ଗଲ ବିଭାଗ ସହାୟତାରେ ବୃକ୍ଷ ରୋପଣ କରାଯିବ। ସମସ୍ତେ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ସହଯୋଗ କରନ୍ତୁ ବୋଲି ସେ କହିଥିଲେ।

# ଜୟପୁର ରେଳ ଷ୍ଟେଶନର ପୁନର୍ବିକାଶ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ଜୟପୁର, ୨୬।୨ (ପବନ ପାଣିଗ୍ରାହୀ)



ଜୟପୁରରେ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଜୟପୁର ରେଳ ଷ୍ଟେଶନ ପୁନର୍ବିକାଶର ଶିଳାନ୍ୟାସ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ମାଧ୍ୟମରେ କରିଛନ୍ତି। ଏନେଇ ଜୟପୁର ରେଳ ଷ୍ଟେଶନରେ ସବୁ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଉପ ଜିଲାପାଳ ପ୍ରଭାତ ପରିଡା, ଭୁବନେଶ୍ୱର ରେଳ ବିଭାଗ କର୍ତ୍ତୃପକ୍ଷ ଗିରିଜା ପ୍ରସାଦ ଦାସ ଉପସ୍ଥିତ ଥିଲେ। ଅମୃତ ଭାରତ ଯୋଜନା ଅଧୀନରେ ଜୟପୁର ଓ କୋରାପୁଟ ରେଳ ଷ୍ଟେଶନ ରହିଛି। ଜୟପୁରରେ ୧୯ କୋଟି ଟଙ୍କା ବ୍ୟୟରେ ପୁନର୍ବିକାଶ କାର୍ଯ୍ୟ ହେବ। ରେଳ ଷ୍ଟେଶନରେ ଯାତ୍ରୀଙ୍କ ସୁରକ୍ଷା, ଖାଦ୍ୟପେୟ ବ୍ୟବସ୍ଥା, ପାର୍କିଂ, ଲିଫ୍ଟ, ଦିବ୍ୟାଙ୍ଗଙ୍କ ପାଇଁ ସୁବିଧା, ଭିନ୍ନ ଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ପାନୀୟ ଜଳ ସୁବିଧା, ପ୍ରତୀକ୍ଷାଳୟ, ଏସ୍କାଲେଟର, ଏକଜିକ୍ୟୁଟିଭ ଲାଉଞ୍ଜ୍ ଆଦି ନିର୍ମାଣ ହେବାକୁ ସ୍ଥିର ହୋଇଛି। ଭିସି ମାଧ୍ୟମରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ବେଳେ ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଉପସ୍ଥିତ ଥିଲେ ।

# ଦିନରେ ଭୁବନେଶ୍ୱରକୁ ଟ୍ରେନ ଚଳାଚଳ ନେଇ ପ୍ରସ୍ତାବ

## କୋରାପୁଟ, ଜୟପୁର ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଘୋଷଣା

କୋରାପୁଟ,୨୬।୨(ଅମିତାଭ ବେହେରା)

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାତ୍ରୀଙ୍କ ପାଇଁ ୪୧ ହଜାର କୋଟି ବ୍ୟୟ ଅଟକଳରେ ସୋମବାର ଦେଶର ୫୫୩ଟି ରେଳ ଷ୍ଟେସନର ଉନ୍ନତୀକରଣ ଏବଂ ୧୫୦୦ ରୋଡ ଓଭରବ୍ରିଜ ଓ ଅଣ୍ଡରପାସ ପ୍ରକଳ୍ପର ଲୋକାର୍ପଣ ସମେତ ୨ହଜାରରୁ ଊର୍ଦ୍ଧ୍ୱ ରେଳ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେଥି ମଧ୍ୟରେ ଓଡିଶାର ୨୦ଟି ରେଳ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉନ୍ନତୀକରଣ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି। ସୋମବାର ମଧ୍ୟାହ୍ନରେ ପ୍ରଧାନମନ୍ତ୍ରୀ ଭରଚୁଆଲରେ ଉପରୋକ୍ତ ରେଳ ଷ୍ଟେସନର ଉନ୍ନତୀକରଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସେଥିମଧ୍ୟରେ କୋରାପୁଟ ଜିଲାର ସଦର କୋରାପୁଟ ଷ୍ଟେସନ ଓ ଜୟପୁର ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ରୂପେ ଘୋଷଣା କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ଭୁବେନେଶ୍ୱରରୁ ଆସିଥିବା ଚିଫ ମେଟ୍ରିଆଲ ମ୍ୟାନେଜର ପୁରୁଷୋତମ ସେଠୀଙ୍କ ଅଧ୍ୟକ୍ଷତାରେ କୋରାପୁଟ ଷ୍ଟେସନ ପରିସରରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା, ଭାଜପା ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରେଲୱେ ବୋର୍ଡ କମିଟି ସଦସ୍ୟ ଶେଖ ଇବ୍ରାହିମ, ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ରଘୁରାମ ମାଛ, ନବରଙ୍ଗପୁର ଜିଲା ସଭାପତି ଗୋବିନ୍ଦ ଜୈନ, ସିନିୟର କର୍ମସିଆଲ ମ୍ୟାନେଜର ବିଜେନ୍ଦ୍ର ମିନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ପଡାଲ ଓ ରେଲ ବୋର୍ଡ କମିଟି ସଦସ୍ୟ ଇବ୍ରାହିମ କୋରାପୁଟ ଷ୍ଟେସନରୁ ସକାଳୁଆ ଭୁବେନେଶ୍ୱର ପର୍ଯ୍ୟନ୍ତ ଏକ ଟ୍ରେନ ଏବଂ କୋରାପୁଟରୁ ଦିଲ୍ଲୀ ଯାଏ ଏକ ଟ୍ରେନ ଚଳାଇବାକୁ ରେଳ ବିଭାଗ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରସ୍ତାବ ଦେଇଥିଲେ ।



